


• RNI REGD NO: 42041/83
• www.sakalaepaper.com
• /thesakalanews
• /TheSakala
• www.thesakala.in

ସକାଳ
THE SAKALA
PRINTED AT BHUBANESWAR ▪ JEYPORE ▪ SAMBALPUR

• VOLUME- 19 • ISSUE- 57 • BHUBANESWAR • SATURDAY • 21 AUGUST 2021 • PAGE- 16 • ₹ 5.00

• ବର୍ଷ-୧୯ • ସଂଖ୍ୟା- ୫୭ • ଭୁବନେଶ୍ୱର • ଶନିବାର • ୨୧ ଅଗଷ୍ଟ ୨୦୨୧ • ପୃଷ୍ଠା- ୧୬ • ଟ ୫.୦୦


# ଭୁବନେଶ୍ୱର ଆଇଆଇଟିର ଏକାଡେମିକ କମ୍ପ୍ଲେକ୍ସ ଉଦ୍‌ଘାଟିତ

ଭୁବନେଶ୍ୱର,୨୦।୮(ସମିସ): କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଦ୍ୱାରା ଶୁକ୍ରବାର ଭୁବନେଶ୍ୱର ଆଇଆଇଟିର ଏକାଡେମିକ କମ୍ପ୍ଲେକ୍ସ ଉଦଘାଟିତ ହୋଇଛି। ପୁଷ୍ପଗିରି ନାମରେ ନାମିତ ନୂତନ ଲେକଚର୍ ହଲ୍ ଓ ରୁଷିକୂଲ୍ୟା ନାମରେ ନାମିତ ହୋଇଥିବା ଏକ ନୂତନ ହଷ୍ଟେଲ କ୍ୟାମ୍ପସ୍ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ଦ୍ୱାରା ଲୋକାର୍ପିତ ହୋଇଛି। ଏହି ଅବସରରେ ମଧ୍ୟ ଏସଡିଆଇ(ଦକ୍ଷତା ବିକାଶ ପ୍ରତିଷ୍ଠାନ) ଓ ଆଇଆଇଟି ମଧ୍ୟ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଛି। ଆଇଆଇଟି ଭୁବନେଶ୍ୱର ଏସଡିଆଇର ଛାତ୍ରଛାତ୍ରୀଙ୍କୁ ଦକ୍ଷତା ବିକାଶ ଲାଗି ପ୍ରଶିକ୍ଷଣ ପ୍ରଦାନ କରିବ। ତେବେ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ଉପସ୍ଥିତିରେ ଆଇଆଇଟି ନିର୍ଦ୍ଦେଶକ ପ୍ରଫେସର ଆରଭି ରାଜକୁମାର ଓ ଏସଡିଆଇ ଚେୟାରମେନ୍ ରଞ୍ଜନ କୁମାର ମହାପାତ୍ରଙ୍କ ମଧ୍ୟରେ ଏହି ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଛି। ଏହି ଅବସରରେ ଶ୍ରୀ ପ୍ରଧାନ ଭୁବନେଶ୍ୱର ଆଇଆଇଟିର ଉନ୍ନତ ଶିକ୍ଷାଦାନ ଶୈଳୀ ଓ ଜାତୀୟ କ୍ଷେତ୍ରରେ ଉତ୍ତମ ପ୍ରଦର୍ଶନକୁ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଥିଲେ। ସେହିପରି ଜାତୀୟ ଶିକ୍ଷାନୀତି ଶିକ୍ଷା ବ୍ୟବସ୍ଥାରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିବ ଓ ନୂତନ ଶିକ୍ଷାନୀତିର କାର୍ଯ୍ୟକାରୀତା ଉପରେ ଶିକ୍ଷାନୁଷ୍ଠାନଗୁଡ଼ିକ ପଦକ୍ଷେପ ଗ୍ରହଣ କରିବାକୁ ଶ୍ରୀ ପ୍ରଧାନ ନିର୍ଦ୍ଦେଶ ଦେଇଥିଲେ। ସେ ଆହୁରି ମଧ୍ୟ କହିଥିଲେ ଯେ, ଏଣିକି ଛାତ୍ରଛାତ୍ରୀମାନେ ଆଞ୍ଚଳିକ ଭାଷାରେ ଉଚ୍ଚଶିକ୍ଷା ଅଧ୍ୟୟନ କରିବେ। ନୂତନ ଜାତୀୟ



ଶିକ୍ଷାନୀତିରେ ଏଥିପ୍ରତି ଗୁରୁତ୍ୱ ଦିଆଯାଇଛି। ଓଡ଼ିଆରେ ମଧ୍ୟ ଛାତ୍ରଛାତ୍ରୀମାନେ ଇଞ୍ଜିନିୟରିଂ ପଢ଼ିବେ। ତେବେ କରୋନା କଟକଣା ମଧ୍ୟ ଆୟୋଜିତ କାର୍ଯ୍ୟକ୍ରମରେ ଆଇଆଇଟି ନିର୍ଦ୍ଦେଶକ ଆରଭି ରାଜକୁମାରଙ୍କ ସମେତ ବିଭିନ୍ନ ବିଭାଗର ଡିନ୍, ଛାତ୍ରଛାତ୍ରୀ ଏବଂ ଶିକ୍ଷକ ଓ ଅଣଶିକ୍ଷକ ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଆଇଆଇଟିର ଭିତ୍ତିଭୂମି ବିକାଶ ପାଇଁ ଦୁଇଟି ପର୍ଯ୍ୟାୟରେ ୧୨୬୦ କୋଟି ଟଙ୍କା ପ୍ରଦାନ କରାଯାଇଥିବାବେଳେ ୧୪୮ କୋଟି ଟଙ୍କା ବ୍ୟୟରେ ଅତ୍ୟାଧୁନିକ ଲେକଚର୍ ହଲ ନିର୍ମାଣ କରାଯାଇଛି। ସେହିପରି ଆଗକୁ ମଧ୍ୟ ଆଉ ତିନୋଟି ଭବନ ନିର୍ମାଣ ହେବ। ଏହା ସହିତ ବର୍ତ୍ତମାନ ୧୦ଟି କ୍ଲାସ ରୁମ ସମେତ ୮୦୦ ଶଯ୍ୟା ବିଶିଷ୍ଟ ଏକ ଅତ୍ୟାଧୁନିକ ହଷ୍ଟେଲ ନିର୍ମାଣାଧୀନ ରହିଛି। ନବ ନିର୍ମିତ ହଷ୍ଟେଲ ଓ ଲେକଚର୍ ହଲ୍‌ରେ ଇ-କ୍ଲାସ ରୁମ ସହିତ ପିଲାଙ୍କ ପାଇଁ ଲାଇଭ ଷ୍ଟ୍ରିମିଂ, ରେକର୍ଡିଂ, ୱାଇ ଫାଇ, ଡକ୍ୟୁମେଣ୍ଟ ଭିଜୁଆଲାଇଜର ଭଳି ସମସ୍ତ ଅତ୍ୟାଧୁନିକ ବ୍ୟବସ୍ଥା ରହିଛି।

https://sakalaepaper.com/view/2217/bbsr/10#